କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ଉଦ୍‌ଯାପିତ

ପୁରୀ,୨୯।୧୧
(ଅଜିତ୍ କୁମାର ମହାନ୍ତି)

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

କୁମ୍ଭକାରଙ୍କ ୫ଦିନିଆ କୁରାଳ ପଞ୍ଚମୀ ପର୍ବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସାର୍ବଜନୀନ ପୂଜାମଣ୍ଡପରେ ପୂଜା ପାଉଥିବା ରୁଦ୍ରପାଳ, ରତ୍ନେଶ୍ୱରୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଅଠରନଳାରେ ବିସର୍ଜନ କରାଯାଇଛି। କୁମ୍ଭକାର ନିୟୋଗ ପକ୍ଷରୁ ଜ୍ୟୋତିଷଙ୍କ ଦ୍ୱାରା ମୂର୍ତ୍ତିକା ଅନୁକୂଳ ଯୋଗ ନିର୍ଘଣ୍ଟ ପରେ ସମସ୍ତେ ଏକକାଳୀନ ହାଣ୍ଡି ଗଢ଼ିବାର ପରମ୍ପରା ରହିଛି। ପର୍ବ ସମାପ୍ତ ପରେ ପୁଣି ସ୍ୱାଭାବିକ ଶ୍ରୀମନ୍ଦିରକୁ ହାଣ୍ଡି କୁଡ଼ିଆ ଯୋଗାଣ ଚାଲୁ ରହିବ। ଏହି ଅବସରରେ ଶନିବାର ସନ୍ଧ୍ୟାରେ କୁମ୍ଭାରପଡ଼ାରେ ମନୋଜ୍ଞ କୁରାଳ ପଞ୍ଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କୁମ୍ଭାରପଡ଼ା ଯୁବ ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ ସମାରୋହକୁ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଓଡିଶା କୁରାଳ ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଜିଲା ସଭାପତି ଡା ଦେବେନ୍ଦ୍ର ନାଥ ତରାଇ, ଜିଲା ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ବାଦଲ କୁମାର ବେହେରା, ସାମାଜିକ କର୍ମୀ ଜଗଦାନନ୍ଦ ମିଶ୍ର, ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ସଂଗଠକ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ ସ୍ୱାଗତ ଜଣାଇବା ସହ ସମାରୋହ ସମ୍ପର୍କରେ ଅବତାରଣା କରିଥିଲେ। ସମାରୋହରେ ଗୀତିକାର ଗୁରୁ ଶତପଥି, ସାମାଜିକ କର୍ମୀ ସନ୍ଧ୍ୟାରାଣୀ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁରୀର ମହ୍ଲାର ଭଜନ ଗ୍ରୁପ ପକ୍ଷରୁ ଗୁରୁ ସନ୍ଧ୍ୟାରାଣୀ ମିଶ୍ରଙ୍କ ନେତୃତ୍ୱରେ କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲା। ଜଗତ୍‌ସିଂହପୁର ସାଇକୃପା କଳାବିକାଶ କେନ୍ଦ୍ର ତରଫରୁ ଗୁରୁ ଶିବ ପ୍ରସାଦ ରାଉତଙ୍କ ନେତୃତ୍ୱରେ କଳାକାରମାନେ ଭଜନ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତିପର୍ଯ୍ୟନ୍ତ ବହୁସଂଖ୍ୟକ ଦର୍ଶକ ଏହି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଝବରଦାତା ଗୁପିଟର ଦାସ, ପରିଷଦର ସହସମ୍ପାଦକ କୈଳାସ ବିଶୋଇ, ରସାନନ୍ଦ ବିଶୋଇ, କୃଷ୍ଣଚନ୍ଦ୍ର ବିଶୋଇ ପ୍ରକାଶ ବିଶୋଇ, ଧୀରେନ୍ଦ୍ର ବିଶୋଇ, ବୃନ୍ଦାବନ ବିଶୋଇ, ଲିଙ୍ଗରାଜ ମୁଦୁଲି, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସାହିତ୍ୟ, ସଂସ୍କୃତି ପରସ୍ପରକୁ ଯୋଡ଼ିଥାଏ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ସାହିତ୍ୟ ଓ ସଂସ୍କୃତି ପରସ୍ପରକୁ ଯୋଡ଼ିଥାଏ। ଏହାର ପ୍ରଭାବ ସୁଦୂର ପ୍ରସାରୀ। ଏହା ସମ୍ପ୍ରତି ଓ ଭାଇଚାରାର ଏକ ଅଂଶ ବୋଲି ବକ୍ତାମାନେ କହିଛନ୍ତି। ୟୁଥ ହଷ୍ଟେଲ ପରିସରରେ ଲେଖକ ସାନ୍ନିଧ୍ୟ ଓଡ଼ିଶା ପକ୍ଷରୁ ଏକ ସାହିତ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପ୍ରାକ୍ତନ ପ୍ରଶାସକ ଡା. ଅଲେଖ ଚନ୍ଦ୍ର ପଡ଼ିଆରୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମାଜରେ ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବଦା ପ୍ରଶଂସନୀୟ। ସାହିତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି, ଜନ ଜାଗରଣ ଓ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବାର କ୍ଷମତା ରଖିଥାଏ ବୋଲି ସେ କହିଥିଲେ। ଅନ୍ୟବକ୍ତାଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦ ର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ପତ୍ରକାର ଶ୍ରୀରାମଚନ୍ଦ୍ର ଦାଶ, ଲେଖକ ସାନ୍ନିଧ୍ୟ ପକ୍ଷରୁ ବିଜୟ କୁମାର ମହାନ୍ତିଙ୍କ ସମେତ କବି କବୟିତ୍ରୀ ଯୋଗ ଦେଇଥିଲେ।

ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଜିଲାପାଳ

ମହାପ୍ରଭୁଙ୍କ ନାଁରେ ବିବାଦୀୟ ଟିପ୍ପଣୀ ଘଟଣା

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ଦେଶର ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରତିକ୍ରିୟା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି ଇନଫ୍ଲୁଏନ୍ସର ମିଶ୍ରା କହୁଛନ୍ତି ବିବାହ ପୂର୍ବରୁ ଯଦି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ, ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବନାହିଁ। ସେମାନେ କେବେ ବି ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ ନାହିଁ। ଏପରିକି ଭଲ ଜୀବନ ସାଥୀ ବିନ ମିଳିପାରେ। ଇନ୍‌ଫ୍ଲୁଏନ୍ସର ମିଶ୍ରାଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ଭୁଲ୍ ଉପସ୍ଥାପନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ବୁଦ୍ଧିଜୀବୀଙ୍କ ଠାରୁ ସେବାୟତଙ୍କ ପର୍ଯ୍ୟନ୍ତ ସମସ୍ତେ ଅସନ୍ତୋଷ ପ୍ରକାଶ କରିବା ସହ ମିଶ୍ରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏପରିକି ସେବାୟତଙ୍କ ପକ୍ଷରୁ ଶୁଭଙ୍କରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ନେଇ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏନେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ସମ୍ପର୍କିତ ଭୁଲ୍ ତଥ୍ୟ ସୋସିଆଲ ମଡିଆରେ ପ୍ରସାର କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଶ୍ରୀମନ୍ଦିର ପ୍ରଚାର ପ୍ରସାର ସବ୍‌କମିଟିରେ ଯୋଜନା କରାଯାଉଛି। ସମସ୍ତଙ୍କୁ ଅନୁରୋଧ କରାଯାଉଛି, ମହାପ୍ରଭୁଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ କରି ସୋସିଆଲ ମିଡିଆରେ ଉପସ୍ଥାପନା କରନ୍ତୁ। ଏପରି ଭୁଲ୍ ତଥ୍ୟ କେହି ପ୍ରକାଶ କରନ୍ତୁ ନାହିଁ। ମିଶ୍ରା କ'ଣ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ଅନୁଧ୍ୟାନ କରାଯିବ। କମିଟି ରିପୋର୍ଟ ଦେବା ପରେ ନିଶ୍ଚିନ୍ତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିରରେ ଜେସିବି ଲଗାଇ କାମ କରିବାକୁ ନେଇ ଅସନ୍ତୋଷ

ପୁରୀ,୨୯।୧୧
(ଅଜିତ୍ କୁମାର ମହାନ୍ତି)

କୋଭିଡ ମହାମାରୀ ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ନିମନ୍ତେ ବନ୍ଦ ରହିଛି। କୋଭିଡ୍ କଟକଣା ହଟିବା ପରେ ମଧ୍ୟ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି କରାଯାଉଥିବାରୁ ଭକ୍ତଙ୍କ ପାଇଁ ପ୍ରବେଶ କଟକଣା ରହିଛି। କେବଳ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ବର୍ଷର ଅନ୍ୟ ସମୟରେ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଥିବା ମହାପ୍ରଭୁଙ୍କ ଜନ୍ମସ୍ଥାନ ତଥା ଆଡ଼ପ ମଣ୍ଡପ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଭକ୍ତଙ୍କ ଠାରୁ ଆରମ୍ଭ କରି ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦୀର୍ଘବର୍ଷ ଧରି ଭକ୍ତଙ୍କ ନିମନ୍ତେ ବନ୍ଦ ରହିଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଆସନ୍ତା ୧ରୁ ପରୀକ୍ଷାମୂଳକ ଭାବେ ଖୋଲିବାକୁ ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରିଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ଭିତର ମରାମତି ଦୃଶ୍ୟକୁ ଦେଖି ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନର ଅନୁମତିକ୍ରମେ ଓବିସିସି ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନତି ଓ ମରାମତି କାର୍ଯ୍ୟ ଜାରି ରହିଛି। ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଜେସିବି ଲଗାଯାଇ କାର୍ଯ୍ୟ କରାଯାଉଛି। ଉନ୍ନତିନାମରେ ଜେସିବି ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବା ଦୃଶ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ଐତିହ୍ୟ ହୋଇଥିବା ବେଳେ ଜେସିବି ଲଗାଇ କାର୍ଯ୍ୟ କରାଗଲେ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବ। ମନ୍ଦିର ଦୁର୍ବଳ ହେବା ସହ ଫାଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ତେବେ ଜେସିବି ଲଗାଇ କିପରି ମନ୍ଦିର ପରିସରରେ କାର୍ଯ୍ୟ କରାଯାଉଛି ତାହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ଏନେଇ ଏଏପି ଜିଲା ସଭାପତି ସଞ୍ଜିବ କୁମାର ମହାନ୍ତି କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଯେପରି ଜେସିବି ବ୍ୟବହାର କରାଯାଇ ଭଙ୍ଗାଯାଉଛି, ତାହାକୁ ଦେଖି ମନ କଷ୍ଟ ଲାଗୁଛି। ଜିଲାପାଳ କହୁଛନ୍ତି ଅଳିଆ ସଫା କରିବାକୁ ଜେସିବି ରଖାଯାଇଛି, ଯାହା ଲାଗୁଛି ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଖବର ନାହିଁ। ଶ୍ରୀଗୁଣ୍ଡିଚା ମନ୍ଦିର ଡିସେମ୍ବର ୧ରୁ ଖୋଲିବ ବୋଲି ମୁଖ୍ୟ ପ୍ରଶାସକ, ଜିଲାପାଳ, ଆଇନମନ୍ତ୍ରୀ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ ସମୟରେ ଜେସିବି ଲଗାଯାଇ ପରିକ୍ରମା ମାର୍ଗ କାର୍ଯ୍ୟ କରିବା ସମୟରେ ଶ୍ରୀମନ୍ଦିର ପ୍ରତି ବିପଦ ଥିବା ବୁଦ୍ଧିଜୀବୀମାନେ କହି ବିରୋଧ କରିଥିଲେ। ବର୍ତ୍ତମାନ କାହିଁକି ସମସ୍ତେ ଚୁପ ହୋଇ ରହିଛନ୍ତି ବୋଲି ସେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି।

ବିଜ୍ଞାନମେଳା ଉଦ୍‌ଘାଟିତ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

୩୩ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କରଙ୍କ ପୌରାହିତ୍ୟରେ ଶନିବାର ଚନ୍ଦନପୁରସ୍ଥ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟ୍ଟନାୟକଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ – ଶିକ୍ଷୟିତ୍ରୀଙ୍କୁ ନେଇ ଗଠିତ ୧୪ଟି କମିଟି ଦ୍ୱାରା ଉକ୍ତ ବିଜ୍ଞାନ ମେଳାଟି ଶୃଙ୍ଖଳା ର ସହ ପରିଚାଳିତ ହୋଇଥିଲା।

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରତାପ କୁମାର ନାୟକ, ଭା.ପ୍ର.ସେ. ଆଡିସନାଲ ରିଭିଜନ କୋର୍ଟ ନଂ.୪କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର
Letter No.2058 Dtd.24.11.2025
ଓ.ଏସ୍.ଏସ୍. କେସ୍ ନଂ.୧୩୩୬/୨୦୧୭
ଶ୍ରୀ ଶାରଦା ମିଶ୍ର ଓରଫେ ....କାବାଦୀମାନେ/ଦରଖାସ୍ତକାରୀମାନେ
ବନମାଳୀ
ବନ ଓରଫ ବନମାଳି କେଳା ଓରଫେ ....ପ୍ରତିବାଦୀମାନେ/ଅପରପକ୍ଷମାନେ
ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.(୧)(ଖ) ସୁବଳ ଓରଫ ସୁବାଲ କେଳା, ପି.- ୪ ଭାଗବତ କେଳା, ସା/ପୋ-ମଚିପଡ଼ା, ଥାନା- ଚଡକା, ଜି. ଖୋର୍ଦ୍ଧା, ଓଡ଼ିଶା, ପ୍ରତିବାଦୀ ନଂ.(୩)(କ) ଯାଜପିଲର ଗରାବଡୁ, ପି.-୪ ଶ୍ରୀକାନ୍ତ ଗରାବଡୁ, ସା- ରଥଗେଲ୍, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର-୭୫୧୦୦୨, ଜି.- ଖୋର୍ଦ୍ଧା, ଓଡ଼ିଶା ... ପ୍ରତିବାଦୀମାନେ
ନୋଟିସ
ସିପିସି ଅର୍ଡର-୫, ରୁଲ୍-୨୦ ପ୍ରଦତ୍ତକ ବାଦୀଙ୍କ ଦ୍ୱାରା ଓଡ଼ିଶା ବଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ପ୍ରଦତ୍ତକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀମାନେ ଶ୍ରୀ ଶାରଦା ମିଶ୍ର ଓରଫେ ଖଡିଦ ଏବଂ ଦଖଲ ବୃଦ୍ଧେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦମା ଦାୟର ହୋଇଅଛି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା । କିନ୍ତୁ ଉକ୍ତ ନୋଟିସମାନ ଦିନା ଜାରି ହୋଇ ଫେରିଆସିଥିଲା ।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା.୨୯.୧୨.୨୦୨୫ରିଖ ବିଳା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତପସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତପସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚଡକା, ମୌଜା-ଗୋପାଗଣ୍ଡ, ସାବିକ ଖତା ନଂ.୬୭, ସୃଜ ନଂ.୪୪୪, ଏରିଆ ଏମ୍.୦୨୫ଡି. ସୁଧ ଏ.୧୬୮.୭୪ଡି. (ସବ୍ ସୃଜ ନଂ.ଏ) ଏହାର ହାଲ ବଦୋବସ୍ତ ଖତା ନଂ.୨୪୦, ହାଲ ସୃଜ ନଂ.୬୦୧୬, ଏରିଆ ଏ.୦.୩୩୮ଡି. ସୁଧ ଏ.୧.୩୮.୬୪ଡି. । ଚୌହଦ: ଉତ୍ତର- ମୋହଦମା ସୃତର ଅବଶିଷ୍ଟାଂଶ, ଦକ୍ଷିଣ-ସୃତ ନଂ.୬୩୭, ପୂର୍ବ ମୋହଦମା ସୃତର ଅବଶିଷ୍ଟାଂଶ, ପଶ୍ଚିମ-ମୋହଦମା ସୃତର ଅବଶିଷ୍ଟାଂଶ ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ଓଡ଼ାଉଡ଼ାମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋହଦମାର ତଦବିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋହଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।
ଆଡିସନାଲ ରିଭିଜନ କୋର୍ଟ ନଂ.୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର

OFFICE OF THE NOTIFIED AREA COUNCIL, BALIMELA
ODISHA, PIN - 764051, e-Mail: eonacbalimela@gmail.com
ନିବେଦନ
ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା କାହାନରେ ପକାଇବେ। ୦୨. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସ୍ୱଚ୍ଛ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।
କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା — ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜଗୁଡି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଜେଡିସିଆର୍ (ଇପିବିଏକ୍ସ)-୦୬୬୫-୨୫୪୨୪୬୧ ଫ୍ୟାକ୍ସ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ